# Akashvani, Sambalpur

## SAMBALPURI NEWS EVENING BULLETIN

## 17 February 2026-7.02- 7.12 pm.

---

୧- ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏଜ୍‌ଠାନୁ ହେଲା ମୁଳ୍ ।

- ଦେଶର୍ ବିକାଶ୍ ଦିଗେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା - ଗୃହକେ ସମ୍ବୋଧନ୍ କରିକରି କହେଲେ ରାଜ୍ୟପାଲ୍ ।

୨- କୃତ୍ରିମ ବୁଦ୍ଧିମତା ଭାରତ୍‌କେ ଜ୍ଞାନ୍‌ର ମହାଶକ୍ତି କର୍‌ବା- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀଥି ଦେଲେ ଯୋଗ୍ ।

୩- ଆଏବା ୮ ତାରିଖ୍ ଦିନ ୧ କୋଟିନୁ ଅଏତ୍‌କା ହିତାଧିକାରୀଙ୍କୁ ମିଲ୍‌ବା ସୁଭଦ୍ରା ସାହାଜ୍ ଟଙ୍କା ।

ଆଉର୍

୪- ଆଏଜ୍‌ଠାନୁ ମୁଲ୍ ହେଲା ସିବିଏସ୍‌ଇ ୧୦ କ୍ଲାସ୍ ବୋର୍ଡ଼ ପରୀକ୍ଷା ।

- ଆଏବା କାଏଲ୍‌ଠାନୁ ମୁଲ୍ ହେବା ୧୨ ଶ୍ରେଣୀ ପରୀକ୍ଷା ।

ବିଧାନ୍‌ସଭା ବଜେଟ୍ ଅଧିବେଶନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଅଧିବେଶନ୍‌ର ପହେଲା ଦିନେ ଗୃହକେ ସମ୍ବୋଧନ୍ କରିକରି ରାଜ୍ୟର୍ ବିକାଶ୍ ଦିଗେ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଉପଲବ୍ଧି ବାବ୍‌ଦେ ଉଲ୍ଲେଖ୍ କରିଛନ୍ । ରାଜ୍ୟପାଲ୍ କହିଛନ୍, ଦେଶର୍ ବିକାଶ୍ ଦିଗେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ଆତ୍ମନିର୍ଭର୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ସେମି କଣ୍ଡକ୍ଟର୍ ହବ୍ ହେବାର୍‌କେ ଯାଉଛେ । ୨୦୩୬ ମସିହାତକ୍ ଓଡ଼ିଶାକେ ୫ ଶହ ବିଲିଅନ୍ ଡଲାର୍ ଅର୍ଥନୀତି ଆଉ ୨୦୪୭ ମସିହାତକ୍ ୧ ଦଶ୍‌ମିକ୍ ୫ ବିଲିୟନ୍ ଡଲାର୍ ଅର୍ଥନୀତି କର୍‌ବାର୍ ଲାଗି ସର୍‌କାର୍ ଭବିଷ୍ୟତ୍ ଦୃଷ୍ଟିକୋଣ ଧାରିଜ୍ କରିଛନ୍ । ସର୍‌କାର୍‌ଙ୍କର୍ ବିକାଶ୍‌ଶୀଲ୍ ପଦକ୍ଷେପ୍ ଜରିଏ ଖୋବ୍ ଜଲ୍‌ଦି ଓଡ଼ିଶା ଭାରତ୍‌ର ବିକାଶ୍ ଇଞ୍ଜିନ୍ ହେବାର୍‌କେ ଯାଉଛେ ବଲି ରାଜ୍ୟପାଲ୍ କହିଛନ୍ ।

ରାଜ୍ୟପାଲ୍ ଆହୁରି କହିଛନ୍, ସରକାର୍ ଖାଦ୍ୟ ସୁରକ୍ଷା ଯୋଜ୍ନାଥି ଏବ୍ତକ୍ ୬ ଲାଖ୍ ୪୦ ହଜାର୍ ନୂଆଁ ହିତାଧିକାରୀଙ୍କୁ ଜୁଡ଼ିଛନ୍। ଇ ବଛର୍ ୨ ହଜାର୍ ୭ ଶହ ୧୧ ନୁ ଅଏତ୍କା କିଲୋମିଟର୍ ୬ ଶହ ୪୮ ଟା ନୂଆଁ ରାସ୍ତା ତିଆର୍ କର୍ବାର୍କେ ସର୍କାର୍ ଯୋଜ୍ନା କରିଛନ୍।

ମହିଳା ସଶକ୍ତିକରଣ୍ ଲାଗି ସୁଭଦ୍ରା ଶକ୍ତିମେଳା ଜରିଏ ପାଖାପାଖି ୯ କୋଟି ଟଙ୍କାର୍ ରୋଜ୍ଗାର୍ ହେବାର୍ ସହେତେ ୯ ଶହ ୧୮ ଝନ୍ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛେ।

ଇସ୍ପାତ୍ ଆଉ ଷ୍ଟେନ୍ଲେସ୍ ଷ୍ଟିଲ୍ ଉତ୍ପାଦନ୍ କ୍ଷେତ୍ରଥି ଓଡ଼ିଶା ଦେଶେ ପହେଲା ଠାନେ ରହିଛେ। ସେନ୍ତା ଶିକ୍ଷା କ୍ଷେତ୍ରଥି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜ୍ନାଥି ଚଲିତ୍ ଆର୍ଥିକ୍ ବଛ୍ରେ ୭ ଲାଖ୍ ୨୦ ହଜାର୍ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ ମେଟ୍ରିକ୍ ଛାତ୍ରବୃତି ଆଉ ମେଟ୍ରିକ୍ ପରର୍ ଛାତ୍ରବୃତି ମଞ୍ଜୁର୍ କରାଯାଇଛେ। ଜନଜାତି ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ଡ୍ରପ୍ଆଉଟ୍ କମ୍ କର୍ବାର୍ ଲାଗି ଶହୀଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍ନା ଜରିଏ ଇ ବଛର୍ ୭୬ ହଜାର୍ନୁ ଅଏତ୍କା ଛାତ୍ରଛାତ୍ରୀଙ୍କର ୩୮ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ବଲି ରାଜ୍ୟପାଲ୍ କହିଛନ୍। ରାଜ୍ୟପାଲ୍ ଆହୁରି

କହିଛନ୍, କୃଷି କ୍ଷେତ୍ରଥି ରାଏଜେ ଫସଲ୍ ଉତ୍ପାଦନ୍ ୩ ଗୁନା ବଢ଼ିଛେ । ବାମପନ୍ଥୀ ଉଗ୍ରବାଦ୍ ବିରୋଧ୍ଥି ଭିଲ୍ ରାଜ୍ୟ ସର୍କାର୍ ବହୁତ୍ ବଡ଼ ସଫଲତା ପାଇଛନ୍ ବଲି ରାଜ୍ୟପାଲ୍ କହିଛନ୍ । ସର୍କାର୍ଙ୍କର୍ ଆହ୍ୱାନ୍ ଉତ୍ରୁ ସମାଜ୍ର ମୁଖ୍ୟସ୍ରୋତଥି ସାମିଲ୍ ହେବାର୍ ଲାଗି ଗଲା ୫ ବଛର୍ ଭିତ୍ରେ ୮୨ ଝନ୍ ମାଓବାଦୀ ଆତ୍ମସମର୍ପଣ୍ କରିଛନ୍ ବଲି ରାଜ୍ୟପାଲ୍ କହିଛନ୍ ।

ବିଧାନ୍ସଭା ନ ଆଏଜ୍ ସଖାଲ୍ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍ସାର୍ ପହେଲା ଦିବଙ୍ଗତ ସଦସ୍ୟମାନ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକପ୍ରସ୍ତାବ୍ ଆଗତ୍ କରିଥିଲେ । ତାର୍ ଉତ୍ରୁ ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍, ସିପିଆଇଏମ୍ ବିଧାୟକ୍ ଲକ୍ଷ୍ମଣ ମୁଣ୍ଡା ପ୍ରସ୍ତାବ୍କେ ସମର୍ଥନ୍ କରିଥିଲେ । ଶେଷେ ବାଚସ୍ପତି ସୁରମା ପାଢ଼ୀ ଦିବଙ୍ଗତଙ୍କର୍ ଉଦ୍ଦେଶ୍ଥି ଶୋକବ୍ୟକ୍ତ କର୍ବାର୍ ସହେତେ ଗୁଟେ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ତାର୍ ଉତ୍ରୁ ଆଏବା କାଏଲ୍ ସଖାଲର୍ ୧୦ ବଜେତକ୍ ଗୃହକେ ମୁଲ୍ତବୀ ଘୋଷ୍ନା କରାଯାଇଛେ ।

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ          ପି.ଆଇ.ବି.

କୃତ୍ରିମ ବୁଦ୍ଧିମତା ଭାରତ୍‌କେ ଜ୍ଞାନ୍‌ର ମହାଶକ୍ତି କର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ଥି ଆଏଜ୍ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା 'ପୁସିଙ୍ଗ୍ ଦ ଫ୍ରଂଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ୍ ଅଧିବେଶନ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଭାରତ୍ ଆଏଜ୍ ପୁର୍‌ଥିର୍ ଗୁଟେ ପ୍ରମୁଖ ବୈଷୟିକ୍ ଶକ୍ତି ଭାବେ ଠିଆ ହଉଥିବା ବେଲ୍‌କେ ଇ ଯାତ୍ରାଥି ଏଆଇ ଗୁଟେ ନୂଆଁ ଅଧ୍ୟାୟ ଜୁଡ୍‌ବାର୍‌କେ ଯାଉଛେ । ଶିକ୍ଷା କ୍ଷେତ୍ରଥି ଏଆଇର୍ ବେଭାର୍ ଆଉ ଏଆଇ ବାବଦ୍ ଶିକ୍ଷା ପରସ୍ପର୍ ସାଙ୍ଗେ ଜୁଡ଼ି ହେଇକରି ରହିଛେ । ଦେଶର୍ ଯୁଆନ୍ ପିଢ଼ିଙ୍କୁ ଏଆଇର ପ୍ରଯୁକ୍ତିବିଦ୍ୟାକେ ଅପ୍‌ନାବାର୍ ସହେତେ ଇ କ୍ଷେତ୍ରଥି ଉଚିତ୍ ଶିକ୍ଷା ଗ୍ରହଣ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଶ୍ରୀ ପ୍ରଧାନ୍ କହିଛନ୍, ଭାରତ୍‌ର ବିଶ୍ୱସ୍ତରୀୟ ଜ୍ଞାନ୍ ଭିତିକ୍ ନେତୃତ୍ୱ ଏଆଇ ନେବା । ବିକଶିତ୍ ଭାରତ୍ ଲକ୍ଷ୍ୟ ୨୦୪୭ ହାସଲ୍ କର୍‌ବାର୍ ଦିଗେ ଇଟା ଗୁଟେ ବର୍‌କସ୍ ଭୂମିକା ନେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ସୁଭଦ୍ରା କିସ୍ତି-ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ମହିଳାମାନ୍‌କର୍ ବିକାଶ୍ ଆଉ ଆର୍ଥିକ୍ ସଶକ୍ତିକରଣ୍ ଲାଗି ରାଜ୍ୟ ସର୍‌କାର୍ ଆନିଥିବା ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ କିସ୍ତି ମାର୍ଚ୍ଚ ୮ ତାରିଖ୍ ଦିନ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଉପମୁଖ୍ୟମନ୍ତ୍ରୀ କହିଛନ୍, ମାର୍ଚ୍ଚ ୮ ତାରିଖ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ୧ କୋଟିନୁ ଅଏତ୍‌କା ମହିଳାଙ୍କୁ ଇ କିସ୍ତି ସାହାଜ୍ ଦିଆଯିବା । ଇ ଖେପ୍‌ଥି ୫ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଯୋଗ୍ୟ ହିତାଧିକାରୀମାନ୍‌କୁ ଦିଆଯିବା । ସୁଭଦ୍ରା ଯୋଜ୍‌ନା ଗାଁ ଇଲାକାର୍ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଦିଗେ ସାହାଜ୍ କରୁଛେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ସିବିଏସ୍ଇ ୧୦ ବୋର୍ଡ଼ ପରୀକ୍ଷା          ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍ - ସିବିଏସ୍ଇ ପରିଚାଳିତ୍ ୧୦ କ୍ଲାସ୍ ବୋର୍ଡ଼ ପରୀକ୍ଷା ଆଏଜ୍ଠାନୁ ମୁଲ୍ ହେଇଛେ । ଇ ବଛର୍ ଦେଶେ ୨୫ ଲାଖ୍ ୮ ହଜାର୍ ୩ ଶହ ୧୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ଓଡ଼ିଶା ନ ୫ ଲାଖ୍ନୁ ଅଏତ୍କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ସେଆଡ଼େ ଆଏବା କାଏଲ୍ଠାନୁ ସିବିଏସ୍ଇ ୧୨ ଶ୍ରେଣୀ ବୋର୍ଡ଼ ପରୀକ୍ଷା ମୁଲ୍ ହେବା । ଇଥର ସାରାଦେଶେ ୧୮ ଲାଖ୍ ୫୯ ହଜାର୍ ୫ ଶହ ୫୧ ଝନ୍ ପରୀକ୍ଷାର୍ଥୀ ପଞ୍ଜିକୃତ ହେଇଛନ୍ । ଓଡ଼ିଶା ନ ୪ ଲାଖ୍ ନୁ ଅଏତ୍କା ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବଲି ଜନାପଡ଼ିଛେ ।

୧୦ ଶ୍ରେଣୀ ବୋର୍ଡ       ଆର୍ଏନ୍ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ ୧୦ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଆଏବା ଗୁରୁବାର୍ ଦିନୁ ହେବା । ପରୀକ୍ଷା କେନ୍ଦ୍ର ମାନ୍କେ

ପୁହୁଁଚିବାର୍ ସମିଆ ୧୫ ମିନିଟ୍ ବଢ଼ାଯାଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ବୋର୍ଡ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍, ପରୀକ୍ଷା କେନ୍ଦ୍ରମାନ୍‌କୁ ପରୀକ୍ଷାର୍ଥୀମାନେ ସଖାଲର୍ ୯ ବାଜିକରି ୧୫ ମିନିଟ୍‌ଥକ୍ ପୁହୁଁଚିବାର୍ ଲାଗି ସମିଆ ଧାରିଜ୍ କରାଯାଇଥିଲା । ମାତର୍‌କ ଇ ସମିଆ ବଦ୍‌ଲେଇକରି ସାଢ଼େ ୯ କରାଯାଇଛେ । ପରୀକ୍ଷା ପରିଚାଲନା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ପରୀକ୍ଷା ବେଲ୍‌କେ କପି ଯୁଗେଇ ଦେଲେ କି କେନ୍‌ସି ଅନିୟମିତତା ଦେଖାଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ଦିଆଯିବା ବଲି ଶ୍ରୀ ତରାଇ କହିଛନ୍ ।

ଡାକ୍ତର୍ ରାସେଶ୍ୱରୀ ପାଣିଗ୍ରାହୀ ପରଲୋକ/ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ପୂର୍ବତନ ବିଧାୟିକା ଆଉ ନାଁକରା ସ୍ତ୍ରୀ ଆଉ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର୍ ରାସେଶ୍ୱରୀ ପାଣିଗ୍ରାହୀଙ୍କର୍ ଅନ୍ତିମ୍ ସତ୍କାର୍ ସହରର୍ ରାଜ୍‌ଘାଟ୍ ନ ଆଏଜ୍ ହେଇଯାଇଛେ । ତାର୍ ଆଘୋନୁ ବହୁତ୍ ବିଶିଷ୍ଟ ବ୍ୟକ୍ତି ତାଙ୍କର୍ ଶେଷ ଦର୍ଶନ୍ କରିଥିଲେ । ଡାକ୍ତର୍ ପାଣିଗ୍ରାହୀଙ୍କର୍ ପାର୍ଥିବ୍ ଶରୀର୍ ଗୁଟେ

ଶୋଭାଯାତ୍ରାଥି ରାଜ୍ଘାଟ୍‌କେ ନିଆଯାଇଥିଲା । ସୂଚ୍‌ନା ଅନ୍‌ସାରେ ଡାକ୍ତର୍ ପାଣିଗ୍ରାହୀ ଙ୍କର୍ ଗଲାରାତି ପରଲୋକ ହେଇଯାଇଛେ ।

ନିଯୁକ୍ତି ମେଳା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ନିୟୋଜନ କାର୍ଯ୍ୟାଳୟ ତର୍‌ଫୁ ଆଏବା ଗୁରୁବାର୍ ଦିନ ସହରର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ନିଯୁକ୍ତି ମେଳାର୍ ଆୟୋଜନ୍ କରାଯାଉଛେ । ମେଳାଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଘରୋଇ ସଂସ୍ଥା ଯୋଗ୍ ଦେବେ । ଇ ଅବ୍‌ସରେ କେତେ ସଂସ୍ଥା ସିଧାସଲଖ୍ ନିଯୁକ୍ତି ଦେବେ ଆଉ କେତେ ସଂସ୍ଥା ନିଯୁକ୍ତି ଭିତିକ୍ ତାଲିମ୍ ଦେଇକରି ତାର୍ ଉତ୍‌ରୁ ନିଯୁକ୍ତି ଦେବେ । ଜିଲ୍ଲାର୍ ୮ ଶ୍ରେଣୀ ପାସ୍‌ନୁ ମୁଲ୍ କରିକରି ଆଇଟିଆଇ, ଡିପ୍ଲୋମା, ବିଟେକ୍ ପାଠ୍‌ପଢ଼ିଥିବା ୧୮ ନୁ ୩୫ ବଛର୍ ବୟସ୍କ ନିଯୁକ୍ତି ଆଶାୟୀ ଯୁଆନ୍ ପିଲା ଟୁକେଲ୍‌ମାନେ ଇଥି ଭାଗ୍ ନେଇପାର୍‌ବେ ।

ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫ୍‌ରୁ ଚନ୍ଦ୍ରପୁର୍ ଗାଁ ନ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ। କାର୍ଯ୍ୟକ୍ରମ୍‌ଥି ପ୍ରବାସୀ ଶ୍ରମିକମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଆଉ ସୁବିଧା ସୁଯୋଗ୍‌କେ ନେଇକରି ଥିବା ଆଇନ୍ ବାବ୍‌ଦେ ସଚେତନ୍ କରାଯାଇଥିଲା।

ପ୍ରଶାସନିକ ସୁପରିଚାଳନା- କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ପ୍ରଶାସନିକ ସୁପରିଚାଳନା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ। ଜିଲ୍ଲାକେ ଷ୍ଟଡି ଟୁର୍‌ଥି ଆସିଥିବା ଓଡ଼ିଶା ସଚିବାଳୟର୍ ସହକାରୀ ଉପବିଭାଗୀୟ ଅଧିକାରୀମାନ୍‌କର୍ ଗୁଟେ ୩୮ ଝନିଆ ଦଲ୍ ଆଉ ରାଜ୍ୟ ଗୃହ ବିଭାଗ୍‌ର ସହକାରୀ ସଚିବ କର୍ମଶାଳାଥି ଉପସ୍ଥିତ୍ ଥିଲେ। ଇ ଅବ୍‌ସରେ ଜିଲ୍ଲାସ୍ତରୀୟ ସବୁ ଅଧିକାରୀମାନେ ଉପସ୍ଥିତ୍ ରହିକରି ନିଜର୍

ନିଜର୍ ବିଭାଗ୍‌ର ଯୋଜ୍‌ନା ଆଉ କାମ୍‌କାଜ୍ ବାବ୍‌ଦେ ତଥ୍ୟ ରଖିଥିଲେ ।

ସମନ୍ୱିତ ନିର୍ଦ୍ଦେଶ୍,ନିୟନ୍ତ୍ରଣ କେନ୍ଦ୍ର ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଉର୍‌କେଲା ସ୍ମାର୍ଟ ସିଟି ଲିମିଟେଡ୍ ତର୍‌ଫୁ ସମନ୍ୱିତ ନିର୍ଦ୍ଦେଶ୍ ଆଉ ନିୟନ୍ତ୍ରଣ କେନ୍ଦ୍ରର୍ ଶୁଭାରମ୍ଭ ହେଇଯାଇଛେ । ରାଉର୍‌କେଲା ସ୍ମାର୍ଟ ସିଟିର୍ ସିଇଓ ଆଉ ମହାନଗର୍ ନିଗମ୍ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗିର ଇ କେନ୍ଦ୍ରର୍ ଶୁଭାରମ୍ଭ କରିଛନ୍ । ଇ ବ୍ୟବସ୍ଥା ସହରେ ଟ୍ରାଫିକ୍ ସୁପରିଚାଳନା, ଶାନ୍ତିଶୃଙ୍ଖଲା ରକ୍ଷା, ଅପରାଧୀକ୍ ଗତିବିଧି ଉପ୍‌ରେ ନଜର୍ ରଖ୍‌ବାର୍‌ଥି ବହୁତ୍ ସାହାଜ୍ କର୍‌ବା ।

ଜିଲ୍ଲାପାଳ୍-ସମୀକ୍ଷା ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଳ୍ କବିନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଳ୍ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଜିଲ୍ଲାର୍ ଉନ୍ନୟନ୍

କାମ୍ ମାନ୍‌କର୍ ବାବ୍‌ଦେ ଆଲୋଚନା କରିକରି ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଖାସ୍ କରି ବିଜ୍‌ଲି, ରାସ୍ତାଘାଟ୍, ପିଇବାର୍ ପାଏନ୍ ବାଗିର୍ ସମସ୍ୟା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ନୂଆପଡ଼ା- ଆଇନ୍ ତାଲିମ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଖଡ଼ିଆଲ୍ ତାଲୁକ୍ ଆଇନ୍‌ସେବା କମିଟି, ସିନାପାଲି ଆଉ ବୋଡ଼େନ୍ ନ ନୂଆଁକରି ନିଯୁକ୍ତି ପାଇଥିବା ଅଧିକାର୍ ମିତ୍ରମାନ୍‌କର୍ ଦକ୍ଷତା ବୃଦ୍ଧି କର୍ମଶାଳା ଆଉ ପ୍ରଶିକ୍ଷଣ୍ ଶିବିର୍ ହେଇଯାଇଛେ । ଇ ଅବ୍‌ସରେ ୫୦ ଝନ୍ ଅଧିକାର୍ ମିତ୍ରଙ୍କୁ ଆଇନ୍‌ସେବା ପ୍ରାଧିକରଣ୍ ଅଧିନିୟମ, ମାହାଲିଆ ଆଇନ୍‌ସେବା, ମୌଳିକ କର୍ତବ୍ୟ ବାଗିର୍ ବିଷେଥି ତାଲିମ୍ ଦିଆଯାଇଥିଲା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨୪ ଘଂଟା ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ

ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।